# NATIONAL NEWS BULLETIN (ODIA)

**27 October - 2024**

**Morning Bulletin : 7.15 a.m.**

**********************************

## ମୁଖ୍ୟ ସମ୍ବାଦ

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ଣ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍ କି ବାତ୍‌ର ୧୧୫ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ Appରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Striming ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରାଯିବ । ରାତି ୮ଟାରେ ଏହି ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ସ୍ପେନ୍-ପ୍ରେସିଡେଣ୍ଟ ଭିଜିଟ୍

ସ୍ପେନ୍ ରାଷ୍ଟ୍ରପତି ପେଡ୍ରୋ ସାଞ୍ଚେଜ୍ ଆଜିଠାରୁ ତିନିଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ତାଙ୍କ ପତ୍ନୀ ବେଗୋନା ଗୋମେଜ୍ ମଧ୍ୟ ଭାରତ ଗସ୍ତରେ ଆସୁଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା

ଅନୁଯାୟୀ ରାଷ୍ଟ୍ରପତି ସାଞ୍ଚେଜ୍‌ଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ । ୧୮ ବର୍ଷ ପରେ ସ୍ପେନ୍‌ର ରାଷ୍ଟ୍ରପତି ଭାରତ ଗସ୍ତରେ ଆସୁଛନ୍ତି । ପୂର୍ବରୁ ବିଭିନ୍ନ ବହୁପକ୍ଷୀୟ ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏବଂ ରାଷ୍ଟ୍ରପତି ସାଞ୍ଚେଜ୍‌ଙ୍କ ମଧ୍ୟରେ ସାକ୍ଷାତ୍ ଆଲୋଚନା ହୋଇସାରିଛି । ଗସ୍ତ ଅବସରରେ ରାଷ୍ଟ୍ରପତି ସାଞ୍ଚେଜ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ପ୍ରତିନିଧିସ୍ତରୀୟ ଆଲୋଚନାରେ ଅଂଶଗ୍ରହଣ କରିବେ । ଶ୍ରୀ ସାଞ୍ଚେଜ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ମିଳିତ ଭାବେ ସି.-୨୯୫ ବିମାନର ଅନ୍ତିମ ଆସେମ୍ବ୍ଲି ଲାଇନ୍ ପ୍ଲାଣ୍ଟ ଟାଟା ଏୟାର୍‌କ୍ରାଫ୍ଟ କମ୍ପ୍ଲେକ୍ସର ଗୁଜୁରାଟର ଭଦୋଦରାଠାରେ ଉଦ୍‌ଘାଟନ କରିବେ । ଏହା ହେଉଛି ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମର ଏକ ଅଂଶବିଶେଷ । ଟାଟା ଆଡଭାନ୍ସଡ ସିଷ୍ଟମ ଏବଂ ସ୍ପେନ୍‌ର ଏୟାରବସ୍ ସଂସ୍ଥା ମିଳିତଭାବେ ଏହି ପ୍ରକଳ୍ପରେ କାର୍ଯ୍ୟ କରୁଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ରାଷ୍ଟ୍ରପତି ସାଞ୍ଚେଜ୍‌ଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ସାଞ୍ଚେଜ୍ ମୁମ୍ବାଇ ଗସ୍ତରେ ଯାଇ ବାଣିଜ୍ୟ ଏବଂ ଶିଳ୍ପୋଦ୍ୟୋଗୀ ଓ ଚଳଚ୍ଚିତ୍ର ଶିଳ୍ପ ସହିତ ଜଡ଼ିତ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ସହିତ ସାକ୍ଷାତ୍ ଆଲୋଚନା କରିବେ । ବିଭିନ୍ନ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ପ୍ରସଙ୍ଗ ନେଇ ଦୁଇ ଦେଶ ମଧ୍ୟରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି ।

# ଅମିତ ଶାହା–ଲ୍ୟାଣ୍ଡ ପୋର୍ଟ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ପଶ୍ଚିମବଙ୍ଗରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଭାରତ-ବାଂଲାଦେଶ ସୀମାରେ ପେଟ୍ରୋପୋଲସ୍ଥିତ ଲ୍ୟାଣ୍ଡ ପୋର୍ଟରେ ନବନିର୍ମିତ ଯାତ୍ରୀବାହୀ ଟର୍ମିନାଲ ବିଲ୍‌ଡିଂ ଏବଂ ମୈତ୍ରୀ ଦ୍ୱାର କାର୍ଗୋଗେଟ୍‌କୁ ଉଦ୍‌ଘାଟନ କରିବେ । ଉଭୟ ଦେଶର ନାଗରିକଙ୍କ ପାଇଁ ଅନ୍ତର୍ଜାତୀୟ ବାଣିଜ୍ୟର ସୁବିଧା ପ୍ରଦାନ କରିବା ଲକ୍ଷ୍ୟରେ ଏହି ଟର୍ମିନାଲ ପ୍ରତିଷ୍ଠା କରାଯାଇଛି । ସେହିପରି ଉତ୍ତର ୨୪ପ୍ରଗଣା ଜିଲ୍ଲାରେ ଅବସ୍ଥିତ ପେଟ୍ରୋପୋଲ ଲ୍ୟାଣ୍ଡପୋର୍ଟ ଦକ୍ଷିଣ ଏସିଆର ସର୍ବବୃହତ୍ ସ୍ଥଳ ବନ୍ଦର ହେବ । ଦୁଇଦେଶ ମଧ୍ୟରେ ବାଣିଜ୍ୟ କାରବାର ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ପ୍ରବେଶ ପଥ ରୂପେ କାର୍ଯ୍ୟ କରିବ । ପେଟ୍ରୋପୋଲ - ବେନାପୋଲ କ୍ରସିଂ ହେଉଛି ଦୁଇଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସ୍ଥଳ ସୀମା ଅଞ୍ଚଳ ଯାହାଦ୍ୱାରା ପ୍ରାୟ ୭୦ ପ୍ରତିଶତ ସ୍ଥଳଭିତ୍ତିକ ବାଣିଜ୍ୟ କାରବାର ହୋଇଥାଏ । ଏହାମଧ୍ୟ ଭାରତର ଅଷ୍ଟମ ବୃହତ୍ତମ ଆନ୍ତର୍ଜାତିକ ଇମିଗ୍ରେସନ ବନ୍ଦର । ବାର୍ଷିକ ୨ଦଶମିକ ୩/୫ ନିୟୁତରୁ ଅଧିକ ଯାତ୍ରୀ ପରିବହନର ସୁବିଧା ଏହି କ୍ରସିଂ ପଏଣ୍ଟ ମାଧ୍ୟମରେ ସମ୍ଭବ ହୋଇଥାଏ । ଶ୍ରୀ ଶାହା ଅପରାହ୍ଣରେ ହୁଗୁଲି ଜିଲ୍ଲାର ଆରାମବାଗଠାରେ ସମବାୟ ବିଭାଗ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ସଂଧ୍ୟାରେ କୋଲକାତାର ସଲ୍ଟଲେକ୍‌ସ୍ଥିତ ପୂର୍ବାଞ୍ଚଳ

ସାଂସ୍କୃତିକ କେନ୍ଦ୍ରଠାରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି ।

## ମହାରାଷ୍ଟ୍ର ପୋଲ୍ କ୍ୟାମ୍ପେନିଂ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ଏବଂ ମହାୟୁତି ମେଣ୍ଟ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ ପ୍ରଚାର କରିବେ । ବିଜେପି ପକ୍ଷରୁ ୪୦ଜଣିଆ ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ ପାଇଛି । ସେଥିମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ସହିତ କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ରାଜନାଥ ସିଂହ, ନୀତିନ ଗଡକରୀ, ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ଅଛନ୍ତି । କେତେକ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ତାଲିକାରେ ସାମିଲ ହୋଇଛନ୍ତି ।

## କଂଗ୍ରେସ-ମହା ପୋଲ୍ ଲିଷ୍ଟ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ୧୬ଜଣିଆ ପ୍ରାର୍ଥୀତାଲିକା ଘୋଷଣା କରିଛନ୍ତି । ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରୁ ପଶ୍ଚିମ ଅନ୍ଧେରୀ ଆସନରୁ ସଚିନ ସାଓ୍ୱନ୍ତ ଏବଂ ପଶ୍ଚିମ ଭାନ୍ଦ୍ରେ ନିର୍ବାଚନମଣ୍ଡଳୀରୁ ଆସିଫ ଜାକାରିଆ ଦଳପକ୍ଷରୁ ନିର୍ବାଚନ ଲଢ଼ିବେ । ପୂର୍ବରୁ କଂଗ୍ରେସ ୨୩ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା

କରିଥିଲା । ମହାରାଷ୍ଟ୍ରରେ ଏକକ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆସନ୍ତା ମଙ୍ଗଳବାର ଦିନ ଶେଷ ହେବ ।

## ଉଜ୍‌ବେକିସ୍ତାନ ନିର୍ବାଚନ

ଉଜ୍‌ବେକିସ୍ତାନ ସଂସଦ ପାଇଁ ଆଜି ମତଗ୍ରହଣ କରାଯିବ । କେନ୍ଦ୍ରୀୟ ନିର୍ବାଚନ ଆୟୋଗ ଅଧ୍ୟକ୍ଷ ଜୈନିଦିନ ନିଜାମ ଖୋଜାଏଭ ଗତକାଲି କହିଛନ୍ତି ସଂସଦର ୧୫୦ଟି ଆସନ ପାଇଁ ୮୭୫ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସେଥିମଧ୍ୟରେ ୫ଟି ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳରୁ ୩୭୫ଜଣ ଏବଂ ଜିଲ୍ଲାସ୍ତରରେ ୫୦୦ଜଣ ପ୍ରାର୍ଥୀ ରହିଛନ୍ତି । ଉଜ୍‌ବେକିସ୍ତାନର ୨୦୨୩ ସାମ୍ବିଧାନିକ ଏବଂ ନିର୍ବାଚନ ସଂସ୍କାର ପରେ ଏହା ହେଉଛି ପ୍ରଥମ ସାଧାରଣ ନିର୍ବାଚନ । ଆସନ୍ତା ମାସ ୬ ତାରିଖ ସୁଦ୍ଧା ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ କମିଶନ ସୂଚନା ଦେଇଛନ୍ତି । ୧୩ଟି ବିଶ୍ୱ ସଂଗଠନର ପ୍ରତିନିଧିଙ୍କ ସମେତ ପ୍ରାୟ ୮୫୧ଜଣ ଆନ୍ତର୍ଜାତିକ ପର୍ଯ୍ୟବେକ୍ଷକ ନିର୍ବାଚନ ପ୍ରକ୍ରିୟାକୁ ତଦାରଖ କରୁଛନ୍ତି ।

## ଜର୍ଜିଆ ନିର୍ବାଚନ ରେଜଲ୍ଟ

ଜର୍ଜିଆର ଶାସକଦଳ ଜର୍ଜିଆନ୍ ଡ୍ରିମ ଗତକାଲି ଅନୁଷ୍ଠିତ ସଂସଦୀୟ ନିର୍ବାଚନରେ ଆଗୁଆ ରହିଛି । ଦଳର କାର୍ଯ୍ୟନିର୍ବାହୀ ସଚିବ ମାମୁକା

ଏମ୍‌ଦିନାରାଜେ କହିଛନ୍ତି ପ୍ରାରମ୍ଭିକ ଫଳାଫଳ ଆଧାରରେ ଜର୍ଜିଆନ୍ ଡ୍ରିମ୍ ନୂଆ ସଂସଦରେ ସଂଖ୍ୟାଗରିଷ୍ଠତା ହାସଲ କରିଛି । ପ୍ରାରମ୍ଭିକ ଫଳାଫଳରୁ ଶାସକ ଦଳ ପାଶ୍ଚାତ୍ୟ ସମର୍ଥକ ବିରୋଧୀ ଗୋଷ୍ଠୀଠାରୁ ଆଗୁଆ ଥିବା ଜଣାପଡିଛି । ସେଠାକାର ନିର୍ବାଚନ କମିଶନଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଶାସକ ଦଳର ନିର୍ବାଚନ ପାଖାପାଖି ୫୩ ପ୍ରତିଶତ ସମର୍ଥନ ହାସଲ କରିଛି । ସଂସଦରେ ୧୫୦ଟି ଆସନରୁ ୯୦ଟିରେ ବିଜୟୀ ହେବା ନେଇ ଶାସକ ଦଳ ଆଶା ରଖିଛି । ସରକାର ଗଠନ ପାଇଁ ୭୬ଟି ଆସନର ଆବଶ୍ୟକତା ରହିଛି । ଏହି ନିର୍ବାଚନରେ ୫୮ ଦଶମିକ ୯/୪ ପ୍ରତିଶତ ମତଦାନ ହୋଇଥିଲା ।

## ମେକ୍ସିକୋ ଆକ୍ସିଡେଣ୍ଟ

ମେକ୍ସିକୋର କେନ୍ଦ୍ରୀୟ ରାଜ୍ୟ ଜାକାଟେକାସ ଠାରେ ଗତକାଲି ଏକ ସଡ଼କ ଦୁର୍ଘଟଣାରେ ୨୪ଜଣଙ୍କର ମୃତ୍ୟୁ ହୋଇଛି । ୫ଜଣ ଆହତ ହୋଇଛନ୍ତି । ଏକ ମାଲ୍‌ବାହୀ ଟ୍ରକ୍ ଏବଂ ଯାତ୍ରୀବାହୀ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଏହି ଦୁର୍ଘଟଣା ଘଟିଛି । ଆହତଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ସ୍ଥାନୀୟ କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ନୟାରିଟ୍ ରାଜ୍ୟର ଟେପିକ ଏବଂ ଆମେରିକା ସୀମାରେ ଥିବା ସିଉଦାଦ ଜୁଆରେଜ୍ ମଧ୍ୟରେ ଯାତାୟାତ କରୁଥିବା ଯାତ୍ରୀବାହୀ ବସ୍ ଏବଂ ମାଲ୍‌ବାହୀ ଟ୍ରକ୍ ମଧ୍ୟରେ

ଧକ୍କା ହୋଇଥିଲା । ତେବେ ଘଟଣା ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

## ଜିତେନ୍ଦ୍ର ସିଂହ

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ୨୦୩୫ ସୁଦ୍ଧା ଭାରତର ନିଜସ୍ୱ ମହାକାଶ ଷ୍ଟେସନ ରହିବ । ଏହା ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ନାମରେ ପରିଚିତ ହେବ । ଭାରତୀୟ ମହାକାଶ ଗବେଷଣା ସଂଗଠନ ଇସ୍ରୋ ଏବଂ ବାୟୋ ଟେକ୍ନୋଲୋଜି ବିଭାଗ ମଧ୍ୟରେ ଗତକାଲି ନୂଆଦିଲ୍ଲୀଠାରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଅବସରରେ ମନ୍ତ୍ରୀ ଡକ୍ଟର ସିଂହ ଏହା କହିଛନ୍ତି । ଦେଶରେ ବୈଜ୍ଞାନିକ ଉଦ୍ଭାବନକୁ ତ୍ୱରାନ୍ୱିତ କରିବା ପାଇଁ ଏହି ବୁଝାମଣାପତ୍ର ସହାୟକ ହେବ ବୋଲି ଡକ୍ଟର ସିଂହ କହିଛନ୍ତି । ଦେଶର ମହାକାଶ କ୍ଷେତ୍ର ଅଧିକ ବ୍ୟାପକ ହୋଇଛି ଏବଂ ଏଥିରେ ସରକାରୀ ଓ ଘରୋଇ ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ଡକ୍ଟର ସିଂହ କହିଛନ୍ତି । ମହାକାଶ ଷ୍ଟାର୍ଟଅପ୍ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି ଏବଂ ମହାକାଶ ଅର୍ଥନୀତିକୁ ବିକଶିତ କରିବାରେ ସେମାନଙ୍କର ସହଯୋଗ ରହିଛି ବୋଲି ଡକ୍ଟର ସିଂହ କହିଛନ୍ତି ।

# ଇଏସ୍ଆଇ-ଏନ୍‌ରୋଲମେଣ୍ଟ

କର୍ମଚାରୀ ରାଜ୍ୟ ବୀମା-ଇଏସ୍ଆଇ ଯୋଜନାରେ ଗତ ଅଗଷ୍ଟ ମାସରେ ପ୍ରାୟ ୨୦ଲକ୍ଷ ନୂତନ ଶ୍ରମିକ ସାମିଲ ହୋଇଛନ୍ତି । ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ସେଥିମଧ୍ୟରେ ୯ଲକ୍ଷ ଅଣାନବେ ହଜାର କର୍ମଚାରୀଙ୍କ ବୟସ ୨୫ବର୍ଷ ମଧ୍ୟରେ ରହିଛି । ସେହି ମାସରେ ମହିଳା ସଦସ୍ୟତା ସଂଖ୍ୟା ୪ଲକ୍ଷ ୧୪ହଜାର ବୃଦ୍ଧି ପାଇଛି । ୨୮ହଜାର ୯୧୭ଟି ନୂତନ ପ୍ରତିଷ୍ଠାନ ଇଏସ୍ଆଇ ଯୋଜନାର ସାମାଜିକ ସୁରକ୍ଷା ପରିସରଭୁକ୍ତ ହୋଇଛନ୍ତି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

# ସାଫ୍ ଇଣ୍ଡିଆ ଓ୍ୱେମେନ

ସାଫ୍ ମହିଳା ଫୁଟବଲ ଚାମ୍ପିୟନସିପ୍ ପ୍ରତିଯୋଗିତାରେ ଆଜି ଭାରତ-ନେପାଳ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । କାଠମାଣ୍ଡୁରେ ଦଶରଥ ଷ୍ଟାଡିୟମଠାରେ ଏହି ମ୍ୟାଚ୍ ଖେଳାଯିବ । ଆଶାଲତା ଦେବୀଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଗ୍ରୁପ୍ ପର୍ଯ୍ୟାୟରେ ପାକିସ୍ତାନକୁ ୫-୨ରେ ପରାସ୍ତ କରିଥିବାବେଳେ ବାଂଲାଦେଶଠାରୁ ୧-୩ରେ ହାରି ଯାଇଥିଲା । ୫ଥର ଟାଇଟଲ ହାସଲ କରିଥିବା ଭାରତୀୟ ଦଳ ୨୦୨୨ ଟୁର୍ଣ୍ଣାମେଣ୍ଟରେ ସେମିଫାଇନାଲ ପର୍ଯ୍ୟାୟରେ ନେପାଳଠୁ ହାରିଯାଇଥିଲା ।

ଅନ୍ୟପକ୍ଷରେ ଏହି ଟୁର୍ଣ୍ଣାମେଣ୍ଟରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଆସୁଥିବା ନେପାଳ ଦଳ ଗତ ସଂସ୍କରଣରେ ଫାଇନାଲ ପର୍ଯ୍ୟାୟରେ ପହଞ୍ଚିଥିଲେ ।

## ମହିଳା କ୍ରିକେଟ୍

ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ୍ ଦଳର ଚଳିତ ଭାରତ ଗସ୍ତ ଅବସରରେ ତିନିଟିକିଆ ଏକଦିବସୀୟ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି ଅହମ୍ମଦାବାଦଠାରେ ଖେଳାଯିବ । ଅପରାହ୍ଣ ସାଢ଼େ ଗୋଟାଏରେ ଏହି ମ୍ୟାଚ୍ ଆରମ୍ଭ ହେବ । ପ୍ରଥମ ମ୍ୟାଚ୍‌କୁ ଜିତି ଭାରତ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଗତ ଗୁରୁବାରଦିନ ପ୍ରଥମ ଏକଦିବସୀୟ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ଅଣଷଠୀ ରନ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା ।

## ଡବ୍ଲୁଟିଟି-ମାନିକା ବାତ୍ରା

ବିଶ୍ୱ ଟେବୁଲ୍ ଟେନିସ୍ ଚାମ୍ପିୟନସିପ୍ ଫ୍ରାନ୍ସର ମଣ୍ଟେପିଲିୟର ୨୦୨୪ ଟୁର୍ଣ୍ଣାମେଣ୍ଟର ଶୀର୍ଷ ଅଷ୍ଟମ ସ୍ଥାନ ମଧ୍ୟରେ ମାନିକା ବାତ୍ରା ସ୍ଥାନିତ ହୋଇଛନ୍ତି । ଏହି ସଫଳତା ହାସଲ କରି ଭାରତୀୟ ଟେବୁଲ ଟେନିସ୍ ଇତିହାସରେ ମାନିକା ପ୍ରଥମ ମହିଳା ଖେଳାଳି ହୋଇଛନ୍ତି । ତେବେ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରେ ମାନିକା ଚୀନ୍‌ର କ୍ୱିଆନ୍ ଟିଆନ୍‌ଇଙ୍କଠାରୁ ୩-୦ରେ ପରାସ୍ତ ହୋଇଛନ୍ତି ।